## COMMON P. G. ENTRANCE TEST – 2020

**Test Booklet No. :**

# DEPT. OF HIGHER EDUCATION, GOVT. OF ODISHA

## TEST BOOKLET

**Subject Code** **35** **Subject** **ODIA**

*Time Allowed :* ***90*** *Minutes* *Full Marks :* ***70***

### : INSTRUCTIONS TO CANDIDATES :

1. IMMEDIATELY AFTER THE COMMENCEMENT OF THE EXAMINATION, YOU SHOULD CHECK THAT THIS TEST BOOKLET **DOES NOT** HAVE ANY UNPRINTED OR TORN OR MISSING PAGES OR ITEMS ETC. IF SO, GET IT REPLACED BY A COMPLETE TEST BOOKLET.
2. You have to enter your **Hall Ticket No.** on the Test Booklet in the Box provided alongside. **DO NOT** write *anything else* on the Test Booklet.
3. **YOU ARE REQUIRED TO FILL UP & DARKEN HALL TICKET NO. & TEST BOOKLET NO. IN THE ANSWER SHEET AS WELL AS FILL UP TEST BOOKLET SERIAL NO. & ANSWER SHEET SERIAL NO. IN THE ATTENDANCE SHEET CAREFULLY. WRONGLY FILLED UP ANSWER SHEETS ARE LIABLE FOR REJECTION AT THE RISK OF THE CANDIDATE.**
4. **This Test Booklet contains 70 items (questions). Each item (question) comprises four responses (answers). You have to select the correct response (answer) which you want to mark (darken) on the Answer Sheet. In case, you feel that there is more than one correct response (answer), you should mark (darken) the response (answer) which you consider the best. In any case, choose ONLY ONE response (answer) for each item (question).**
5. You have to mark (darken) all your responses (answers) **ONLY** on the **separate Answer Sheet** provided by **using BALL POINT PEN (BLUE OR BLACK)**. See instructions in the Answer Sheet.
6. All items (questions) carry equal marks. All items (questions) are compulsory. Your total marks will depend only on the number of correct responses (answers) marked by you in the Answer Sheet. **There is no negative marking**.
7. **After you have completed filling in all your responses (answers) on the Answer Sheet and after conclusion of the examination, you should hand over to the Invigilator the *Answer Sheet* issued to you. You are allowed to take with you the candidate's copy / second page of the Answer Sheet along with the Test Booklet, after completion of the examination, for your reference.**
8. Sheets for rough work are appended in the Test Booklet at the end.

**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**



( Turn over )

1. ନିଘଣ କାହ୍ନୁ କାପଳି ଜୋଇ ଲାଙ୍ଗ — ଏଥିରେ ଥିବା 'ନିଘଣ' ଶବ୍ଦଟି କେଉଁ ଶବ୍ଦର ଅପଭ୍ରଂଶ ରୂପ ?

(A) ନିଃଘୃଣ (B) ନିଘୃଣ

(C) ନିର୍ଘୃଣ (D) ନିର୍ଘଣ

2. ଚର୍ଯ୍ୟାଗୀତିକାରେ ବର୍ଣ୍ଣିତ 'ବୋଧିଚିତ୍ତ' କେଉଁ ତତ୍ତ୍ୱାର୍ଥ ପ୍ରକାଶ କରେ ?

(A) ପୂର୍ଣ୍ଣତା ଓ ନିର୍ବିକଳ୍ପ (B) ତଥତା ଓ ଶୂନ୍ୟତା

(C) ଶୂନ୍ୟତା ଓ ମହାସୁହ (D) ଶୂନ୍ୟତା ଓ କରୁଣା

3. ଗୋରେଖନାଥ ଓ ମଲ୍ଲିକାନାଥଙ୍କ ପ୍ରଶ୍ନୋତ୍ତର ଛଳରେ କେଉଁ ଗ୍ରନ୍ଥଟି ଲିଖିତ ?

(A) ସପ୍ତାଙ୍ଗ ଯୋଗଧାରଣ (B) ଅଷ୍ଟାଙ୍ଗ ଯୋଗ

(C) ସିଷ୍ଣୁବେଦ (D) ଗୋରେଖ ସଂହିତା

4. ନାଥଧର୍ମୀ ସାହିତ୍ୟଗ୍ରନ୍ଥ 'ଗୀତ ଗୋବିନ୍ଦଚନ୍ଦ୍ର' କେଉଁ ବୃତ୍ତରେ ଲିଖିତ ?

(A) ବଙ୍ଗଳାଶ୍ରୀ (B) ନଟବାଣୀ

(C) ଦାଣ୍ଡି (D) କଳସା

5. ମହାଭାରତର କେଉଁ ତିନୋଟି ପର୍ବର ନାମକରଣ ସାରଳାଦାସଙ୍କ ମୌଳିକ କଳ୍ପନାର ସୂଚକ ?

(A) ଆଦିପର୍ବ, ସ୍ୱର୍ଗାରୋହଣ ପର୍ବ, ନାରୀପର୍ବ

(B) ମଧ୍ୟପର୍ବ, ଗଦାପର୍ବ, କଇଁଶିକା ପର୍ବ

(C) ମୂଷଳୀପର୍ବ, ଗଦାପର୍ବ, ସଭାପର୍ବ

(D) ନାରୀପର୍ବ, କଇଁଶିକାପର୍ବ, ମଧ୍ୟପର୍ବ

6. ସାରଳାଙ୍କ ମହାଭାରତ ଅନୁସାରେ ଓଡ୍ରରାଷ୍ଟ୍ରର ରାଜା କିଏ ?

(A) ଦୁର୍ଦ୍ଦକ୍ଷ (B) ପ୍ରବୀର

(C) କାଳିଙ୍ଗୀ (D) ସୁରଥ

7. 'ପାଷାଣ୍ଡ ଦଳନ' ଗ୍ରନ୍ଥର ରଚୟିତା କିଏ ?

(A) ଜଗନ୍ନାଥ ଦାସ
(B) ଯଶୋବନ୍ତ ଦାସ
(C) ବଳରାମ ଦାସ
(D) ଅଚ୍ୟୁତାନନ୍ଦ ଦାସ

8. 'କାହିଁକିରେ ବାଇମନ ଭଙ୍ଗାନାବ ପରେ ବସୁ

ପୀୟୁଷ ରସକୁ ଛାଡ଼ି ବିଷୟାରସରେ ରସୁ' — ଏହି ମନଶିକ୍ଷା ମୂଳକ ଭଜନଟି କାହାଙ୍କର ରଚନା ?

(A) ଯଶୋବନ୍ତ
(B) ବଳରାମ
(C) ଅଚ୍ୟୁତାନନ୍ଦ
(D) ଅନନ୍ତ

9. କେଉଁ ଚଉତିଶାଟି ବିଷ୍ଣୁଦାସଙ୍କ ରଚିତ ?

(A) ଚିଟାଉ ଚଉତିଶା
(B) ଜାଇଫୁଲ
(C) ବର୍ଷାଭାବନା ଚଉତିଶା
(D) ସ୍ମରଣ ଚଉତିଶା

10. 'ଚୌପଦୀଭୂଷଣ' କାହାର ରଚନା ଓ ଏଥିରେ କେତେଗୋଟି ଚଉପଦୀ ରହିଛି ?

(A) ଦୀନବନ୍ଧୁ-୩୪ଗୋଟି
(B) ଧନଞ୍ଜୟ-୨୪ଗୋଟି
(C) ଉପେନ୍ଦ୍ରଭଞ୍ଜ-୩୪ଗୋଟି
(D) କବିସୂର୍ଯ୍ୟ-୨୪ଗୋଟି

11. କେଉଁ କାବ୍ୟଟି ପଦସାରଲ୍ୟ ଓ ଧ୍ୱନିସର୍ବସ୍ୱ ବର୍ଣ୍ଣନାଚାତୁରୀକୁ ଆଧାର କରିଛି ?

(A) ପ୍ରେମସୁଧାନିଧି
(B) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ
(C) ବୈଦେହୀଶବିଳାସ
(D) ଲାବଣ୍ୟବତୀ

12. ସାମନ୍ତବାଦୀ ବିଳାସ ଓ ପୃଷ୍ଠପୋଷକତାକୁ ଆଶ୍ରୟ କରିଥିବାରୁ ରୀତିକାବ୍ୟର ଅନ୍ୟ ପରିଭାଷା ହେଉଛି :

(A) ଆଖ୍ୟାୟିକା କାବ୍ୟ
(B) ଦରବାରୀ କାବ୍ୟ
(C) କାଳ୍ପନିକ କାବ୍ୟ
(D) ଆଳଙ୍କାରିକ ଶୃଙ୍ଗାରୀକାବ୍ୟ

13. ରାଧାକୃଷ୍ଣଙ୍କୁ ଜୀବପରମ ତତ୍ତ୍ୱରୂପରେ କେଉଁ ଗ୍ରନ୍ଥରେ ରୂପାୟଣ କରାଯାଇଛି ?

(A) ହରିବଂଶ (B) ଭାଗବତ

(C) ଭାବସମୁଦ୍ର (D) ହେତୁ ଉଦୟ ଭାଗବତ

14. ନିର୍ମଳ କବିତ୍ୱ ଉପରେ କିଏ ପ୍ରାଧାନ୍ୟ ଦେଇଛନ୍ତି ?

(A) ଦୀନକୃଷ୍ଣ (B) ଉପେନ୍ଦ୍ର

(C) ଅଭିମନ୍ୟୁ (D) ଭକ୍ତଚରଣ

15. କେଉଁ ଲେଖାଟିକୁ କବିସୂର୍ଯ୍ୟ ବଳଦେବ ଲେଖିଥିଲେ ?

(A) ସଙ୍ଗୀତ କଳ୍ପଲତା (B) ଲୀଳାବତୀ

(C) ପ୍ରେମକଳା (D) ଚୌପଦୀଭୂଷଣ

16. କିଏ ଢମପଣରେ ଗୋବିନ୍ଦ ଚରିତ ଗାଇଥିଲେ ବୋଲି ଉଲ୍ଲେଖ କରିଛନ୍ତି ?

(A) ଭକ୍ତଚରଣ (B) ଅଭିମନ୍ୟୁ

(C) ଯଦୁମଣି (D) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା

17. କିଏ କେବେ ପ୍ରଥମେ ଓଡ଼ିଆ ଭାଷାରେ ସରକାରୀ ଗେଜେଟ୍ ପ୍ରକାଶ କରିଥିଲେ ?

(A) ଲେସି ସାହେବ-୧୮୫୫ (B) ମିଲର ସାହେବ-୧୮୫୫

(C) ଲେସି ସାହେବ-୧୮୫୧ (D) ମିଲର ସାହେବ-୧୮୫୧

18. ରାଧାନାଥଙ୍କ ପ୍ରସିଦ୍ଧ 'ଦରବାର' କାବ୍ୟଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳପ୍ରଭା (B) ସମ୍ବଲପୁର ହିତୈଷିଣୀ

(C) ଉତ୍କଳ ସାହିତ୍ୟ (D) ଉତ୍କଳ ହିତୈଷିଣୀ

19. କେଉଁ ପତ୍ରିକା ପ୍ରଥମେ ଉପନ୍ୟାସ ପ୍ରକାସନ ଉପରେ ଗୁରୁତ୍ୱ ଦେଇଥିଲା ?

(A) ଉତ୍କଳ ସାହିତ୍ୟ

(B) ଉତ୍କଳପ୍ରଭା

(C) ଉତ୍କଳ ମଧୁପ

(D) ଆଶା

20. କଟକ ଡିବେଟିଂ ସୋସାଇଟିରେ କିଏ ଓଡ଼ିଆ ଭାଷା ଶିକ୍ଷାକ୍ଷେତ୍ରରୁ ଉଠିଯିବା ଉଚିତ ବୋଲି ମତ ଦେଇଥିଲେ ?

(A) କାନ୍ତିଚନ୍ଦ୍ର

(B) ଉମାଶଙ୍କର

(C) କାଳୀପଦ

(D) ରାଜେନ୍ଦ୍ରଲାଲ

21. 'ଛବିଳ ଉତ୍କଳେ ଏ ଛବିଳତମା' — ଏ ପଂକ୍ତିଟି କେଉଁ ଲେଖାର ଅଂଶବିଶେଷ ?

(A) ମହେନ୍ଦ୍ରଗିରି

(B) ଚିଲିକା

(C) ଉତ୍କଳଲକ୍ଷ୍ମୀ

(D) ଭାରତୀ ରୋଦନ

22. ବସନ୍ତଗାଥା — କେଉଁ ଧରଣର କବିତାଗ୍ରନ୍ଥ ?

(A) ଗାଥାକବିତା

(B) ଗୀତିକବିତା

(C) ଚତୁର୍ଦ୍ଦଶପଦୀ କବିତା

(D) ସମ୍ବୋଧମୂଳକ କବିତା

23. 'ବସନ୍ତ ବିଜୟ ବାରତା ପ୍ରଚରିଲା ଭୁବନେ' — ଏ ପଦ୍ୟାଂଶଟି କେଉଁ କାବ୍ୟର ?

(A) ଚନ୍ଦ୍ରଭାଗା

(B) ତପସ୍ୱିନୀ

(C) ଉଷା

(D) କୀଚକବଧ

24. ଦେବକୀ କେଉଁ ଗଳ୍ପର ଚରିତ୍ର ?

(A) ସଭ୍ୟଜମିଦାର

(B) ରାଣ୍ଡିପୁଅ ଅନନ୍ତା

(C) ସୁନାବୋହୂ

(D) ମାଧ ମହାନ୍ତିଙ୍କ କନ୍ୟାସୁନା

25. 'ରଞ୍ଜିତ ଅସିଧାରେ, ଶତ୍ରୁ-ରକ୍ତ ଗାରେ' — ଏହି ଉଦ୍‌ବୋଧନୀ ସଙ୍ଗୀତଟି କେଉଁ ନାଟକରେ ପ୍ରଦତ୍ତ ?

(A) ପୁରୁଷୋତ୍ତମ ଦେବ
(B) ମୁକୁନ୍ଦ ଦେବ
(C) ପ୍ରତାପରୁଦ୍ର ଦେବ
(D) କଟକ ବିଜୟ

26. 'ଯେତେ ପାପ ଯେତେ ମିଥ୍ୟା / ଯେତେ ମୋହ ଯେତେ ପ୍ରବଞ୍ଚନା / ଧର୍ମନାମେ ନୀତିନାମେ / ଜାତିନାମେ ଯେତେ ଆବର୍ଜନା' — କେଉଁ କବିଙ୍କ ରଚନା ?

(A) କାଳିନ୍ଦୀଚରଣ
(B) ଅନ୍ନଦାଶଙ୍କର
(C) ସଚ୍ଚିଦାନନ୍ଦ
(D) ବୈକୁଣ୍ଠନାଥ

27. କେଉଁ କବିତାଟି ସଚ୍ଚିଦାନନ୍ଦ ଓ ଅନନ୍ତଙ୍କ ଦ୍ୱାରା ଲେଖାଯାଇ ପ୍ରଗତିବାଦୀ ଧାରାର ଭିତ୍ତିସ୍ଥାପନ କରିଥିଲା ?

(A) ଅଭିଯାନ
(B) ଶାନ୍ତିଶିଖା
(C) ରକ୍ତଶିଖା
(D) ଅଗ୍ନିବାଣୀ

28. କେଉଁ ଉପନ୍ୟାସଟି ପ୍ରଗତିବାଦୀତତ୍ତ୍ୱର ନମୁନା ?

(A) ପ୍ରତିଭା
(B) ଦାନାପାଣି
(C) ଚିତ୍ରଗ୍ରୀବ
(D) ହା'ଅନ୍ନ

29. 'ଶ୍ରୀଭାରତ ଦର୍ପଣ' — କାହାର ଲେଖା ?

(A) ମାୟାଧର ମାନସିଂହ
(B) ଗୋପୀନାଥ ନନ୍ଦ
(C) ପଣ୍ଡିତ ନୀଳକଣ୍ଠ
(D) ଆର୍ତ୍ତବଲ୍ଲଭ ମହାନ୍ତି

30. ଶାନ୍ତନୁକୁମାର ଆଚାର୍ଯ୍ୟ କେଉଁ ଗ୍ରନ୍ଥପାଇଁ ସାରଳା ପୁରସ୍କାର ପାଇଥିଲେ ?

(A) ଶକୁନ୍ତଳା
(B) ନରକିନ୍ନର
(C) ଚଳନ୍ତୀଠାକୁର
(D) ଦକ୍ଷିଣାବର୍ତ୍ତ

31. ସ୍ୱରୂପ ଦିଗରୁ ଦକ୍ଷିଣ ଭାରତର କେଉଁ ଲିପି ସହିତ ଓଡ଼ିଆ ଲିପି ସମ୍ବନ୍ଧ ରଖେ ?

(A) ପେଟିକାଶୀର୍ଷକ ଲିପି

(B) କୁଟିଳ ଲିପି

(C) ବଟ୍ଟେଲୁତ୍ତୁ ଲିପି

(D) କଣ୍ଟକଶୀର୍ଷକ ଲିପି

32. ଦ୍ୱୈଭାଷିକୀ ଶିଳାଲେଖ କେବେ କିଏ ଖୋଦନ କରିଥିଲେ ?

(A) ୧୨୩୬, ଭାନୁଦେବ ପ୍ରଥମ

(B) ୧୩୩୨, ତୃତୀୟ ନରସିଂହ ଦେବ

(C) ୧୨୧୦, ଅନଙ୍ଗଭୀମଦେବ-ତୃତୀୟ

(D) ୧୨୪୯, ନରସିଂହଦେବ-ଦ୍ୱିତୀୟ

33. 'ବଟୁଆ' — ଏ ଶବ୍ଦଟି କି ଧରଣର ଓଡ଼ିଆ ଶବ୍ଦ ?

(A) ପର୍ତ୍ତୁଗୀଜ୍‌ମୂଳକ

(B) ଆଦିବାସୀମୂଳକ

(C) ଦ୍ରାବିଡ଼ମୂଳକ

(D) ଯାବନିକମୂଳକ

34. 'କବଲା' — କି ପ୍ରକାର ଶବ୍ଦ ?

(A) ଆରବୀୟ

(B) ପାର୍ସୀ

(C) ତୁର୍କୀ

(D) ଓଲନ୍ଦାଜ୍

35. ଜାଗରୁକ — ଏ ଶବ୍ଦଟିର ପ୍ରକୃତ ପ୍ରତ୍ୟୟରୂପ କ'ଣ ହେବ ?

(A) ଜାଗର୍ + ଉକ

(B) ଜାଗ୍ + ରୁକ

(C) ଜାଗୃ + ଉକ

(D) ଜାଗ୍ର + ଉକ

36. 'ପାପପଙ୍କ' — କେଉଁ ପ୍ରକାର ସମାସ ?

(A) ଉପମାନ କର୍ମଧାରୟ

(B) ରୂପକ କର୍ମଧାରୟ

(C) ଉପମେୟ କର୍ମଧାରୟ

(D) ମଧ୍ୟପଦଲୋପୀ କର୍ମଧାରୟ

37. 'ସ୍ତାବକ' ର ସନ୍ଧିବିଚ୍ଛେଦ କଲେ କ'ଣ ହବ ?

(A) ସ୍ତୌ + ଅକ

(B) ସ୍ତାବ୍ + ଅକ

(C) ସ୍ତବ + ଅକ

(D) ସ୍ତା + ବକ

38. 'ର୍' କି ପ୍ରକାର ଧ୍ୱନି ?

(A) ଉତ୍କ୍ଷିପ୍ତ

(B) ପାର୍ଶ୍ୱିକ

(C) ରଣିତ

(D) ଲୁଣ୍ଠିତ

39. ବେପାରୀ ଅର୍ଥରେ ଓଡ଼ିଶାର କେଉଁ ଆଞ୍ଚଳିକ ଭାଷାରେ 'ବେଦ୍ରିଆ' ଶବ୍ଦଟି ଚଳେ ?

(A) ଭତ୍ରୀ

(B) ଦେଶିଆ

(C) ଅଘ୍ରିୟା

(D) ଲରିହା

40. 'ନଈର ପାଣି' — କି ପ୍ରକାର ବିଭକ୍ତି ସମ୍ବନ୍ଧ ଏଥିରେ ରହିଛି ?

(A) କାର୍ଯ୍ୟକାରଣ ସମ୍ବନ୍ଧ

(B) ଆଧାର ଆଧେୟ ସମ୍ବନ୍ଧ

(C) ଅଙ୍ଗାଙ୍ଗୀଭାବ ସମ୍ବନ୍ଧ

(D) ବିଧେୟ ସମ୍ବନ୍ଧ

41. 'ଟୁଣୁକା ଟୁଣୁକି' — ଏଇ ଧାରଣାଟି ଲୋକସଂସ୍କୃତିର କେଉଁ ବିଭାଗ ସହିତ ସଂପୃକ୍ତ ?

(A) ଲୋକାଚାର

(B) ଲୋକଭାଷା

(C) ଲୋକକ୍ରୀଡ଼ା

(D) ଲୋକବିଶ୍ୱାସ

42. କେଉଁ ଓଡ଼ିଆ ବିଦ୍ୱାନ ପ୍ରଥମେ ଲୋକସାହିତ୍ୟ ଚର୍ଚ୍ଚା ଓଡ଼ିଶାରେ କରିଥିଲେ ?

(A) ଗୋବିନ୍ଦ ରଥ

(B) ବଳଦେବ ବିଦ୍ୟାଭୂଷଣ

(C) କପିଳେଶ୍ୱର ବିଦ୍ୟାଭୂଷଣ

(D) ଗୋପାଳଚନ୍ଦ୍ର ପ୍ରହରାଜ

43. ''ଚକୁଳିଆ ପଣ୍ଡା ଗୀତ'' — କେଉଁ ଲୋକଗୀତ ପର୍ଯ୍ୟାୟରେ ଏହା ଯିବ ?

(A) କର୍ମମୂଳକ (B) ଧର୍ମମୂଳକ

(C) ନୀତିମୂଳକ (D) ବୁଦ୍ଧିମୂଳକ

44. ରସନିଷ୍ପତ୍ତିର କେଉଁ ପର୍ଯ୍ୟାୟ ସହିତ 'କଟାକ୍ଷ' ସଂପୃକ୍ତ ?

(A) ସଞ୍ଚାରୀଭାବ (B) ସ୍ଥାୟୀଭାବ

(C) ଅନୁଭାବ (D) ବିଭାବ

45. ରୀତିଭଳି ପୂର୍ବରୁ ମନେହଉଥିବା କାବ୍ୟ ରଚନାଭଙ୍ଗୀକୁ 'କାବ୍ୟାନୁସରଣୀ' ବୋଲି କିଏ କହିଛନ୍ତି ?

(A) ଦଣ୍ଡୀ (B) ଭାମହ

(C) ରୁଦ୍ରଟ (D) ଭରତ

46. ସରସ୍ୱତୀ କଣ୍ଠାଭରଣକାର ଭୋଜଙ୍କ ପ୍ରଦତ୍ତ ନୂତନ ରୀତି ତିନୋଟି କ'ଣ ?

(A) ବୈଦର୍ଭୀ, ପାଞ୍ଚାଳୀ, ଆବନ୍ତୀ (B) ଗୋଡ଼ୀ, ଲାଟି, ମାଗଧୀ

(C) ଆବନ୍ତୀ, ପାଞ୍ଚାଳୀ, ଲାଟି (D) ଆବନ୍ତୀ, ମାଗଧୀ, ଲାଟୀ

47. କୁନ୍ତକଙ୍କ ବିଚାରରେ ବକ୍ରୋକ୍ତି ବିଶେଷତ୍ୱ ବା 'ବକ୍ରତ୍ୱ' ର ତାତ୍ପର୍ଯ୍ୟ କ'ଣ ?

(A) ଭଣିତା ବୈଚିତ୍ର୍ୟ (B) କବି ବ୍ୟାପାର

(C) କର୍ମ କୌଶଳ (D) ଭଙ୍ଗୀ ବିଚ୍ଛିତି

48. 'ଲୋଚନଟୀକା' କେଉଁ କାବ୍ୟଶାସ୍ତ୍ରର ବ୍ୟାଖ୍ୟା ?

(A) ଧ୍ୱନ୍ୟାଲୋକ (B) ନାଟ୍ୟଶାସ୍ତ୍ରଂ

(C) କାବ୍ୟାଦର୍ଶ (D) କାବ୍ୟାଳଙ୍କାର

49. ରୋମାଣ୍ଟିସିଜିମକୁ ସାହିତ୍ୟରେ ଏକ 'ଉର୍ଦ୍ଧ୍ୱଚେତନା' ବୋଲି କିଏ କହିଛନ୍ତି ?

(A) ଗୋଥେ (B) ଉଇଲିୟମ୍ ପେଟର

(C) ଭିକ୍ଟର ହ୍ୟୁଗୋ (D) କଲେରିଜ୍

50. କେଉଁ ବାଦକୁ ବିରୋଧ କରି ପ୍ରତୀକବାଦର ଉନ୍ମେଷ ଘଟିଛି ?

(A) କ୍ଲାସିସିଜିମ୍ (B) ବାସ୍ତବବାଦ

(C) ରୋମାଣ୍ଟିସିଜିମ୍ (D) ଅଭିବ୍ୟକ୍ତିବାଦ

51. ଚିତ୍ରକଳ୍ପର ପାରିଭାଷିକ ଅର୍ଥ କେଉଁଟିକୁ ବୁଝାଇବ ?

(A) ଆଲଙ୍କାରିକ ଛବିଳ ସାଦୃଶ୍ୟ

(B) ତୁଳନା ଓ ତର୍କଣାମୂଳକ ଚିତ୍ରସଜାଣ

(C) ଇନ୍ଦ୍ରିୟଗ୍ରାହୀ ଚିତ୍ରର ଆଭାସ

(D) ମନନଧର୍ମୀ ବର୍ଣ୍ଣନା

52. କ୍ଲାସିକ୍ ଚେତନାକୁ କିଏ ସଭ୍ୟତା, ସଂସ୍କୃତି, ଭାଷା ଓ ସାହିତ୍ୟର ପରିପକ୍ୱତା ସହିତ ଯୋଡ଼ିଛନ୍ତି ?

(A) ଆୟୁଲସ୍ ଜେଲିୟସ୍ (B) ମାଥ୍ୟୁ ଆର୍‌ନୋଲ୍ଡ

(C) ଟି. ଏସି ଇଲିୟଟ୍ (D) କାର୍ଲାଇଲ୍

53. ପ୍ରତିମାନାୟକ କବିତାରେ ସଚ୍ଚିଦାନନ୍ଦଙ୍କ କାବ୍ୟାନୁଚିନ୍ତାକୁ କେଉଁ ଭିନ୍ନଭାଷୀ କବିଙ୍କ ଚେତନା ସହିତ ତୁଳନା କରାଯାଇପାରେ ?

(A) ୱାଲ୍‌ଟ ହୁଇଟମାନ୍ (B) ଏଜରାପାଉଣ୍ଡ

(C) ନଜରୁଲ୍ (D) ଜୀବନାନନ୍ଦ ଦାସ

54. ପାଣିକୁଆ ଓ କାଣ୍ଟିବଗ କଥା କେଉଁ ଉପନ୍ୟାସରେ ଉଲ୍ଲେଖ କରାଯାଇଛି ?

(A) ଛ'ମାଣ ଆଠଗୁଣ୍ଠ (B) ନୟନତାର

(C) ଶାସ୍ତି (D) ମାଟିରମଣିଷ

55. କେଉଁ ପୁସ୍ତକ ନିମିତ୍ତ ମନୋଜଦାସ ସରସ୍ୱତୀ ସମ୍ମାନ ପାଇଛନ୍ତି ?

(A) କଥା ଓ କାହାଣୀ (B) ଆକାଶର ଇସାରା

(C) କନକ ଉପତ୍ୟକାର କାହାଣୀ (D) ଅମୃତଫଳ

56. 'ଗାଁର ଡାକ' କାହାଙ୍କର ରଚନା ?

(A) ଚିନ୍ତାମଣି ବେହେରା (B) ଭୁବନେଶ୍ୱର ବେହେରା

(C) ରାମଚନ୍ଦ୍ର ବେହେରା (D) କୃଷ୍ଣଚନ୍ଦ୍ର ବେହେରା

57. 'ଉତ୍ତର କକ୍ଷ' — କେଉଁ ସାରସ୍ୱତ ସାଧକଙ୍କ ଆତ୍ମଜୀବନୀ ?

(A) ସଚ୍ଚିଦାନନ୍ଦ (B) ସୁରେନ୍ଦ୍ର ମହାନ୍ତି

(C) ଗୋପୀନାଥ (D) ପ୍ରତିଭାରାୟ

58. କେଉଁ ଚରିତ ଗ୍ରନ୍ଥଟି କେନ୍ଦ୍ରସାହିତ୍ୟ ଏକାଡେମି ପୁରସ୍କାର ଲାଭ କରିଛି ?

(A) ଜାଣେ ଅନୁଭବୀ ଅନୁଭବରେ (B) ଅମୃତ ଅନୁଭବ

(C) ଗାନ୍ଧିମଣିଷ (D) ପଦ୍ମପତ୍ରରେ ଜୀବନ

59. ଓଡ଼ିଆ କାବ୍ୟକୌଶଳ — ଏହି ସମାଲୋଚନା ଗ୍ରନ୍ଥରେ କେଉଁ ଦିଗ ଉପରେ ଆଲୋଚନା କରାଯାଇଛି ?

(A) ପ୍ରାକ୍ ଆଧୁନିକ ଓଡ଼ିଆ କାବ୍ୟ ସଂପର୍କରେ

(B) ଓଡ଼ିଆ ମଧ୍ୟଯୁଗୀୟ ବୈଷ୍ଣବ କାବ୍ୟର ରଚନାଭଙ୍ଗୀ ସଂପର୍କରେ

(C) ଓଡ଼ିଆ ରୀତିଯୁଗୀୟ କାବ୍ୟର ରଚନାଭଙ୍ଗୀ ସଂପର୍କରେ

(D) ପ୍ରାଚୀନ ମଧ୍ୟଯୁଗୀୟ ପୁରାଣ କାବ୍ୟ ସଂପର୍କରେ

60. କେଉଁଟି ମନୋରଞ୍ଜନ ଦାସଙ୍କ ନାଟକ ନୁହେଁ ?

(A) ବନହଂସୀ (B) ବାନପ୍ରସ୍ଥ

(C) ଅମୃତସ୍ୟ ପୁତ୍ର (D) ଆଗାମୀ

61. ଏବେ ସାମାଜିକ ଗଣମାଧ୍ୟମରେ ଭଦ୍ରୋଚିତ ବ୍ୟବହାରକୁ କ'ଣ କୁହାଯାଉଛି ?

(A) ନେଟିକେଟ୍ସ (B) ସୋସିଓକେଟ୍ସ

(C) ସୋସିଓମାନର୍ (D) ଇଣ୍ଟିକେଟ୍ସ

62. ପଥପ୍ରାନ୍ତୀୟ ନାଟକ କେଉଁ ଗଣମାଧ୍ୟମର ଅନ୍ତର୍ଭୁକ୍ତ ହେବ ?

(A) ବୈଦ୍ୟୁତିକ ଗଣମାଧ୍ୟମ
(B) ସୂଚନାତ୍ମକ ଗଣମାଧ୍ୟମ
(C) ମୁଦ୍ରିତ ଗଣମାଧ୍ୟମ
(D) ପାରମ୍ପରିକ ଗଣମାଧ୍ୟମ

63. ସମ୍ବାଦ-ସାହିତ୍ୟ-ବିଜ୍ଞାନ ସମ୍ବନ୍ଧୀ ମାକ୍‌ସଓ୍ୱେଲଙ୍କ ସିଦ୍ଧାନ୍ତଟି କ'ଣ ?

(A) କଲ୍‌ଟିଭେସନ ଥିଓରି
(B) ଏଜେଣ୍ଡା ସେଟିଂ ଥିଓରି
(C) ବୁଲେଟ ଥିଓରି
(D) ସୋସିଓ କଲ୍‌ଟିଭେଟ୍ ଥିଓରି

64. ବରେନ୍ଦ୍ରକୃଷ୍ଣ ଧଳଙ୍କ 'ଖୋଲାବିଚାର' — କି ଧରଣର ଲେଖା ?

(A) ସ୍ୱାଧୀନ ଚିନ୍ତାର ପ୍ରବନ୍ଧ
(B) ସମସ୍ୟାମୂଳକ ସମ୍ବାଦ
(C) ସ୍ତମ୍ଭ ରଚନା
(D) ନ୍ୟାୟିକ ଫିଚର

65. ବିଜ୍ଞାପନର ସାହିତ୍ୟିକ ଉଦ୍ଦେଶ୍ୟ ହେଉଛି :

(A) ଆକୃଷ୍ଟିକରଣ
(B) ଅଭିପ୍ରେରଣା
(C) ମୁଗ୍ଧକରଣ
(D) ସୂଚନା ପ୍ରଦାନ

66. ସଂପର୍କାନୁସାରୀ ସମ୍ବୋଧନ କେଉଁ ଧରଣର ପତ୍ରଲିଖନରେ ରୁହେ ?

(A) ଘରୋଇପତ୍ର
(B) ଦାପ୍ତରିକ ପତ୍ର
(C) ବ୍ୟାବସାୟିକ ପତ୍ର
(D) ନିମନ୍ତ୍ରଣ ପତ୍ର

67. କେଉଁ ଦୁଇଟି ନାଟକ ନାରାୟଣ ସାହୁଙ୍କ ଦ୍ୱାରା ଲିଖିତ ?

(A) ଶେଷକଥା-ଶେଷଈଶ୍ୱର
(B) ସୁବର୍ଣ୍ଣସକାଳ-ଶେଷକଥା
(C) ଶେଷକଥା-କୋକୁଆ
(D) ସଁବାଳୁଆ-ମୂକ

68. 'ବାଇ ମହାନ୍ତି ପାଞ୍ଜି' କେଉଁ ବିଧାନରେ ରଚିତ ?

(A) ଭାଗ

(B) ଅଂଶ

(C) ପରିଚ୍ଛେଦ

(D) ବିଡ଼ା

69. 'ବଟୁଆ' ପ୍ରବନ୍ଧର ଲେଖକ କିଏ ? ତାଙ୍କ ଲିଖିତ ଅନ୍ୟ ରଚନାଟି କେଉଁଟି ?

(A) ଗୋବିନ୍ଦ ତ୍ରିପାଠୀ-ବମ୍ୱେ ଡାଏରୀ

(B) ଗୋବିନ୍ଦ ତ୍ରିପାଠୀ-ପତିତାର ଆତ୍ମକଥା

(C) ଗୋବିନ୍ଦ ଦାସ-ଅମାବାସ୍ୟାର ଚନ୍ଦ୍ର

(D) ଗୋବିନ୍ଦ ଦାସ-ଦେଶର ଆହ୍ୱାନ

70. 'ଗୋଦାବରୀଶ ମହାପାତ୍ରଙ୍କ' ବହୁଚର୍ଚ୍ଚିତ ଗପଟିଏ ହେଉଛି ?

(A) ଗୋପୀ ସାହୁର ଦୋକାନ

(B) ଶଗଡ଼

(C) ଏ ଜାତି ଏବେ ମଧ୍ୟ ବଞ୍ଚିଛି

(D) ଭାଇଭାଗ

## SPACE FOR ROUGH WORK